# ତୋତା ରାମ

# ବନାମ

# ୟୁ.ପି.  ରାଜ୍ୟ ଏବଂ ଅନ୍ୟମାନେ

# ଜୁଲାଇ 9,1997

# [କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅର୍ଜନ ଅଧିନିୟମ, 1894:*

*ଧାରା 28-A – ଆବେଦନ ଅଧୀନରେ – ସୀମା ବଦ୍ଧତା – ଦର୍ଶାଯାଇଛି, ବିଚାରାର୍ଥେ ପ୍ରେରିତ ନ୍ୟାୟାଳୟଙ୍କ ଦ୍ୱାରା କ୍ଷତିପୂରଣ ଅଧିନିର୍ଣ୍ଣୟ ତାରିଖ ଠାରୁ ତିନି ମାସ ମଧ୍ୟରେ ଆବେଦନ କରିବାକୁ ପଡ଼ିବ – ଅଧିନିର୍ଣ୍ଣୟର ପ୍ରମାଣୀକୃତ ନକଲ ପାଇବା ପାଇଁ ନିଆଯାଇଥିବା ସମୟକୁ ତିନି ମାସର ଅବଧି ଗଣନା କରିବାରେ ବାଦ ଦିଆଯିବ – ଏହା ଆଳ ଯେ, ଅଧିନିର୍ଣ୍ଣୟର ଜ୍ଞାନପ୍ରାପ୍ତି ତାରିଖ ଠାରୁ ତିନି ମାସର ସୀମାବଦ୍ଧତା ଆରମ୍ଭ ହେବା ଆବେଦନ ପୋଷଣୀୟ ନୁହେଁ ।*

ଦେୱାନୀ ଅପିଲୀୟ ଅଧିକାରିତା : ବିଶେଷ ଅନୁମତି ଆବେଦନପତ୍ର (ସି) ସଂଖ୍ୟା 11171/1997 ।

ଡବ୍ଲ୍ୟୁ.ପି, ସଂଖ୍ୟା 12843/1994 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କର 19 .11. 96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍.ସି. ଶ୍ରୀବାସ୍ତବ, ସୁଶ୍ରୀ ରଚନା ଶ୍ରୀବାସ୍ତବ ଏବଂ ସୁଶ୍ରୀ ରାଣୀ ଛାବ୍ରା।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ବିଶେଷ ଅନୁମତି ଆବେଦନ ରିଟ୍ ଆବେଦନ ସଂଖ୍ୟା 12843/94 ରେ ନଭେମ୍ବର 19,1996 ତାରିଖରେ ଦିଆଯାଇଥିବା ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାରଯୋଗ୍ୟ ଭାବରେ, ଭୂମି ଅର୍ଜନ ଅଧିନିୟମ, 1894 (ସଂକ୍ଷେପରେ, "ଅଧିନିୟମ") ର ଧାରା 16 ଅନୁଯାୟୀ ବିଚାରାର୍ଥେ ପ୍ରେରିତ ନ୍ୟାୟାଳୟ ମେ 18,1990 ରେ ଏହାର ଅଧିନିର୍ଣ୍ଣୟ ଏବଂ ଡିକ୍ରି ପାରିତ କରିଥିଲେ । ଆବେଦନକାରୀ ଜୁଲାଇ 22, 1992 ତାରିଖରେ ଅଧିନିୟମର ଧାରା 28-A ଅଧୀନରେ ଏହା ବ୍ୟକ୍ତ କରି ଏକ ଆବେଦନ ଦାଖଲ କରିଥିଲେ ଯେ, ସେ ଜୁଲାଇ 19, 1992 ତାରିଖରେ ଜାଣିବାକୁ ପାଇଥିଲେ ଯେ, ଅନ୍ୟ ଏକ ବିଚାରାର୍ଥେ ପ୍ରେରଣରେ ଜମି ପାଇଁ କ୍ଷତିପୂରଣ ବୃଦ୍ଧି କରାଯାଇଥିଲା ଏବଂ ଉକ୍ତ ବର୍ଦ୍ଧିତ ହାରରେ କ୍ଷତିପୂରଣ ଦାବି କରାଯାଇଥିଲା କାରଣ ସେ ତାଙ୍କ ଜାଣିବାର ତିନି ମାସ ମଧ୍ୟରେ ଅଧିନିୟମର ଧାରା 28-A ର ପରନ୍ତୁକ ଅନୁଯାୟୀ ଆବେଦନ ଦାଖଲ କରିଥିଲେ । ଜିଲ୍ଲାପାଳ ଏବଂ ଉଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ଅସ୍ୱୀକାର କରିଛନ୍ତି । ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି ଯେ, ଅଧିନିୟମର ଧାରା 28-A ଅନୁଯାୟୀ ଆବେଦନ ଉଦ୍ଦେଶ୍ୟରେ ସୀମାବଦ୍ଧତା ଜ୍ଞାନପ୍ରାପ୍ତିର ତାରିଖ ଠାରୁ ଆରମ୍ଭ ହୁଏ କି ନାହିଁ । ଧାରା 28-A ନିମ୍ନରେ ପଢାଯାଏ:

"28-A ନ୍ୟାୟାଳୟଙ୍କର ଅଧିନିର୍ଣ୍ଣୟ ଆଧାରରେ କ୍ଷତିପୂରଣ ରାଶି ପୁନଃନିର୍ଦ୍ଧାରଣ - (1) ଯେତେବେଳେ ଏହି ଭାଗ ଅନ୍ତର୍ଗତ କୌଣସି ଅଧିନିର୍ଣ୍ଣୟରେ, ନ୍ୟାୟାଳୟ ଆବେଦନକାରୀଙ୍କୁ ଧାରା 11 ଅଧୀନରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରାଶିଠାରୁ ଅଧିକ କ୍ଷତିପୂରଣ ରାଶି ମଞ୍ଜୁର କରନ୍ତି, ସେହି କ୍ଷେତ୍ରରେ ଧାରା 4 ଉପଧାରା (1) ଅନୁଯାୟୀ ସମାନ ଅଧିସୂଚନା ଦ୍ୱାରା ଅନ୍ତର୍ଭୁକ୍ତ ଅନ୍ୟ ସମସ୍ତ ଜମିରେ ଆଗ୍ରହୀ ବ୍ୟକ୍ତି ଏବଂ ଯେଉଁମାନେ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ଦ୍ୱାରା ବ୍ୟଥିତ, ସେମାନେ ଧାରା 18 ଅନୁଯାୟୀ ଜିଲ୍ଲାପାଳଙ୍କୁ ଆବେଦନ କରିନଥିବା ସତ୍ତ୍ୱେ ମଧ କରିପାରିବେ, ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ ତାରିଖ ଠାରୁ ତିନି ମାସ ମଧରେ ଜିଲ୍ଲାପାଳଙ୍କୁ ଲିଖିତ ଆବେଦନ ଦ୍ୱାରା ଆବଶ୍ୟକ ହୁଏ ଯେ, ନ୍ୟାୟାଳୟଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା କ୍ଷତିପୂରଣ ରାଶି ଆଧାରରେ ସେମାନଙ୍କୁ ପରିଶୋଧନୀୟ କ୍ଷତିପୂରଣର ପରିମାଣ ପୁନର୍ବାର ସ୍ଥିର କରାଯାଇପାରିବ:

ବ୍ୟବସ୍ଥା କରାଯାଇଥିବା ଭଳି, ଜିଲ୍ଲାପାଳଙ୍କୁ ଏକ ଆବେଦନ ଦାଖଲ କରିବାର ତିନି ମାସର ଅବଧି ଗଣନା କରିବା ସମୟରେ, ଏହି ଉପଧାରା ଅନୁଯାୟୀ କରାଯିବ, ଯେଉଁ ଦିନ ଅଧିନିର୍ଣ୍ଣୟ ଘୋଷଣା କରାଯାଇଥିଲା, ସେହି ଦିନ ଏବଂ ଅଧିନିର୍ଣ୍ଣୟର ଏକ ନକଲ ପାଇବା ପାଇଁ ଆବଶ୍ୟକ ସମୟକୁ ବାଦ ଦିଆଯିବ ।

(2) ଉପଧାରା (1) ଅନୁଯାୟୀ ଏକ ଆବେଦନ ପ୍ରାପ୍ତ ହେବା ପରେ ଜିଲ୍ଲାପାଳ ସମସ୍ତ ଆଗ୍ରହୀ ବ୍ୟକ୍ତିଙ୍କୁ ବିଜ୍ଞପ୍ତି ଦେବା ପରେ ଏବଂ ସେମାନଙ୍କୁ ଶୁଣାଯିବାର ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବା ପରେ ଏକ ତଦନ୍ତ କରିବେ ଏବଂ ଆବେଦନକାରୀମାନଙ୍କୁ ପରିଶୋଧନୀୟ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରି ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବେ ।

(3) ଉପଧାରା (2) ଅନୁଯାୟୀ ଅଧିନିର୍ଣ୍ଣୟ ଗ୍ରହଣ କରିନଥିବା କୌଣସି ବ୍ୟକ୍ତି, ଜିଲ୍ଲାପାଳଙ୍କୁ ଲିଖିତ ଆବେଦନ ଦ୍ୱାରା, ଆବଶ୍ୟକ କରିପାରନ୍ତି ଯେ, ପ୍ରସଙ୍ଗଟି ଜିଲ୍ଲାପାଳଙ୍କ ଦ୍ୱାରା ନ୍ୟାୟାଳୟର ନିର୍ଣ୍ଣୟ ପାଇଁ ବିଚାରାର୍ଥେ ପ୍ରେରଣ କରାଯିବ ଏବଂ ଧାରା 18 ରୁ 28 ର ବ୍ୟବସ୍ଥାଗୁଡ଼ିକ, ଯେତେଦୂର ସମ୍ଭବ, ଧାରା 18 ଅନୁଯାୟୀ ଏକ ସନ୍ଦର୍ଭ ପାଇଁ ଲାଗୁ ହେବ, ଯେପରି ସେଗୁଡ଼ିକ ଧାରା 18 ଅନୁଯାୟୀ ଏକ ସନ୍ଦର୍ଭକୁ ଲାଗୁ କରନ୍ତି ।

ଏହାର ଏକ ପଠନ ସ୍ୱଷ୍ଟ ଭାବରେ ସୂଚିତ କରେ ଯେ, ଜଣେ ବ୍ୟକ୍ତି ଯାହାଙ୍କର ଜମି ଅଧିନିୟମର ଧାରା 4 (1) ଅନୁଯାୟୀ ଜାରି ହୋଇଥିବା ଏକ ସାଧାରଣ ଅଧିସୂଚନା ଅନୁଯାୟୀ ଅଧିଗ୍ରହଣ କରାଯାଇଛି କିନ୍ତୁ, ଯିଏ ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପ୍ରତିକାରର ଲାଭ ଉଠାଇବାରେ ବିଫଳ ହୋଇଛନ୍ତି, ନ୍ୟାୟାଳୟଙ୍କ କ୍ଷତିପୂରଣ ବୃଦ୍ଧି କରିଥିବା ଅଧିନିର୍ଣ୍ଣୟର ତାରିଖ ଠାରୁ ତିନି ମାସ ମଧରେ ଏକ ଲିଖିତ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି । ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହା ବ୍ୟାଖ୍ୟା କରାଯାଇଛି ଯେ, "ନ୍ୟାୟାଳୟ" ର ଅର୍ଥ ହେଉଛି ମୂଳ ଦେୱାନୀ ଅଧିକାରିତାର ନ୍ୟାୟାଳୟ ଯାହାଙ୍କ ପ୍ରତି ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ରହିବ । ସ୍ୱୀକାରଯୋଗ୍ୟ ଭାବରେ, ବିଚାରାର୍ଥେ ପ୍ରେରିତ ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ ମେ 18,1990 ତାରିଖରେ ଦିଆଯାଇଥିଲା, ସେହି ତାରିଖ ଠାରୁ ସୀମାବଦ୍ଧତା ଚାଲିବାକୁ ଲାଗିଲା । ଧାରା 28-A ର ପରନ୍ତୁକ ବ୍ୟକ୍ତିବିଶେଷଙ୍କୁ ଅଧିନିର୍ଣ୍ଣୟ ଏବଂ ଡିକ୍ରିର ପ୍ରମାଣୀକୃତ ନକଲ ଏବଂ ଅଧିନିର୍ଣ୍ଣୟର ପ୍ରମାଣୀକୃତ ନକଲ ପାଇବା ପାଇଁ ନିଆଯାଇଥିବା ସମୟ ପ୍ରାପ୍ତ କରିବାର ଅଧିକାର ପ୍ରଦାନ କରେ ଏବଂ ତିନି ମାସର ଅବଧି ଗଣନା କରିବାରେ ଡିକ୍ରିକୁ ବାଦ ଦିଆଯିବ । ସ୍ୱଷ୍ଟ ଭାଷାକୁ ଦୃଷ୍ଟିରେ ରଖି, ଜାଣିବାର ପ୍ରଶ୍ନ ଉଠୁନାହିଁ ଏବଂ ତେଣୁ, ଆବେଦନକାରୀଙ୍କ ଆଳ ଯେ, ଜାଣିବାର ତାରିଖ ଠାରୁ ତିନି ମାସର ସୀମାବଦ୍ଧତା ଆରମ୍ଭ ହେବା ସ୍ୱଷ୍ଟ ଭାବରେ

ପୋଷଣୀୟ ନୁହେଁ ଏବଂ ସ୍ୱୀକାର କରାଯାଇପାରିବ ନାହିଁ । ତେଣୁ, ଉଚ୍ଚନ୍ୟାୟାଳୟ ଏହି ପ୍ରସଙ୍ଗରେ ନିଜ ନିର୍ଣ୍ଣୟରେ ଠିକ ଅଛନ୍ତି ।

ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନପତ୍ର ଖାରଜ ହୋଇଛି ।

ଆର୍. ପି. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ